# ରାସ୍ତା ନିର୍ମାଣ ଦାବି ୧୦ ଗ୍ରାମବାସୀଙ୍କ ଜାତୀୟ ରାଜପଥ ଅବରୋଧ

ପାରଳାଖେମୁଣ୍ଡି, ୨୦।୧୨(ସମିସ)

ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଉପଲଡ଼ା ପଞ୍ଚାୟତ ଚନ୍ଦନଖଳା ଗ୍ରାମ୍ୟ ରାସ୍ତାର ମାତ୍ର ୭୦୦ ମିଟର ରାସ୍ତା ନିର୍ମାଣ ଦାବିରେ ଆଜି ରାଜରାସ୍ତାକୁ ଓହ୍ଲାଇଥିଲେ ଦୁଇ ବ୍ଲକର ୧୦ ଖଣ୍ଡ ଗ୍ରାମର ଲୋକେ। ପାରଳାଖେମୁଣ୍ଡି-ମୋହନା ୩୨୬-ଏ ଜାତୀର ରାଜପଥକୁ ଦୁଇ ଘଣ୍ଟା ଧରି ଅବରୋଧ କରି ଆନ୍ଦୋଳନ କରିଥିଲେ। ଫଳରେ ଏହି ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ସମେତ ଯାତ୍ରୀ ଅଟକି ରହି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏପରିକି ଏହି ରାସ୍ତା ଦେଇ ଯାଉଥିବା ଜିଲ୍ଲା ଦୌରାଜଜଙ୍କ ଗାଡ଼ିକୁ ବି କିଛି ସମୟ ପର୍ଯ୍ୟନ୍ତ ଛାଡ଼ିନଥିଲେ। ଏହା ଜାଣିବାପରେ ଗୁରାଣ୍ଡି ଥାନା ଅଧିକାରୀ ଓମ୍ ନାରାୟଣ ପାତ୍ର ସଦଳବଳ ପହଞ୍ଚି ଜିଲ୍ଲା ଦୌରାଜଜ୍‌ଙ୍କ ଗାଡ଼ିକୁ ତୁରନ୍ତ ବାଟକଢ଼ାଇ ନେଇଥିଲେ। ଗୋଷାଣି ଓ ଗୁମ୍ମା ବ୍ଲକକୁ ସଂଯୋଗ କରୁଥିବା ଚନ୍ଦଖଳା ଗ୍ରାମ୍ୟ ରାସ୍ତାର ମାତ୍ର ୭୦୦ ମିଟର ରାସ୍ତା ନିର୍ମାଣକୁ ନେଇ ଦୀର୍ଘ ବର୍ଷ ହେଲା ବିବାଦ ଲାଗି ରହିଛି। ଏହି ରାସ୍ତାଟି ଅଣ ଓସାରିଆ ହୋଇପଡ଼ିଥିବା ବେଳେ ଉଭୟ ପଟେ ବେସରକାରୀ ଜମି ରହିଛି। ଅପରପକ୍ଷରେ କ୍ଷୁଦ୍ରଜଳସେଚନ ବିଭାଗର ଗଜପତି ସାଗରର ଏକ କେନାଲ ଚନ୍ଦନଖଳା ଗ୍ରାମ ପର୍ଯ୍ୟନ୍ତ ରହିଛି। ଏହି କେନାଲକୁ ପାଟିକୋଟା ଗ୍ରାମ ପର୍ଯ୍ୟନ୍ତ ସମ୍ପ୍ରସାରଣ ଏବଂ ଚନ୍ଦନଖଳା ରାସ୍ତା ନିର୍ମାଣ ପାଇଁ ଜମି ଆବଶ୍ୟକ ନେଇ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଲାଗିରହିଛି। ଏହି ବିବାଦ ଆଜି ସୁଦ୍ଧା ତୁଟୁ ନଥିବା ଯୋଗୁଁ ଚନ୍ଦନଖଳା ରାସ୍ତା ନିର୍ମାଣ ହୋଇପାରୁ ନାହିଁ। ଏଥିନେଇ ଗୁମ୍ମା ବ୍ଲକର ଖେତଡ଼ା, ଓର୍ଲି, ଏଲୁଗୁମେଟା, ବିତିସିଂ, ଲକ୍ଷ୍ମୀପୁର, ଆନନ୍ଦପୁର ଏବଂ ଗୋଷାଣି ବ୍ଲକର ଅଙ୍ଗରଡ଼ା ଓ ଚନ୍ଦନଖଳା ଗ୍ରାମବାସୀ ନାନାଦି ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ବାରମ୍ବାର ବହୁ ବର୍ଷ ଧରି ବିଭିନ୍ନସ୍ତରରେ ଜଣାଇ ଆସୁଥିଲେ। ହେଲେ ଏ ନେଇ କେହି କର୍ଣ୍ଣପାତ ନ କରିବା ଯୋଗୁଁ ଆଜି ଦୁଇ ବ୍ଲକର ଶତାଧିକ ଆନ୍ଦୋଳନକାରୀ ରାସ୍ତାରୋକ କରିଥିଲେ। ବିଭିନ୍ନ ସମୟରେ ରାସ୍ତା ନିର୍ମାଣ ଦାବି କରିବା ପରେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରଶାସନିକ ଅଧିକାରୀ ପରିଦର୍ଶନ ଓ ନିରୀକ୍ଷଣରେ ଆସୁଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଉନାହାନ୍ତି। ଦୁଇ ବ୍ଲକବାସୀ ଶିକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ଅନ୍ୟ ଗ୍ରାମାଞ୍ଚଳ କିମ୍ବା ୮ କିମି ଦୂରତାରେ ଥିବା ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହର ଉପରେ ନିର୍ଭର କରୁଥିବା ଯୋଗୁଁ ଯାତାୟତରେ ସମସ୍ୟା ଭୋଗୁଛନ୍ତି। ୭୦୦ ମିଟର ରାସ୍ତା ଦିନକୁ ଦିନ ସଂକୀର୍ଣ୍ଣ ହୋଇପଡୁଛି। ଗାଡ଼ି ଯିବାଆସିବା କଲାବେଳେ ମାଟି ରାସ୍ତା ଖାଲଖମା ହୋଇ ଦୁର୍ଘଟଣା ଘଟୁଛି। ଏପରିକି ଗତ ୨୦୨୪ ସାଧାରଣ ନିର୍ବାଚନ ବର୍ଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ସେତେବେଳେ ପ୍ରଶାସନ ପାଣିରଗାର ସଦୃଶ୍ୟ ପ୍ରତିଶ୍ରୁତି ଦେଇ ଭୋଟବର୍ଜନ ନିଷ୍ପତ୍ତିରୁ ଗ୍ରାମବାସୀଙ୍କୁ ନିବୃତ୍ତ କରିଥିଲେ। ବିଶେଷକରି ବର୍ଷା ଦିନେ ଲୋକେ ଅକଥନୀୟ ସମସ୍ୟାର ସମ୍ମୁଖୀନ ହେଉଥିବାର ଜଣାଇବା ଏହି ରାସ୍ତା ଯୋଗୁଁ ଜରୁରୀ ପରିସ୍ଥିତିରେ ଆମ୍ବୁଲାନ୍ସ ମଧ୍ୟ ଆସୁନଥିବା ପ୍ରକାଶ କରିଛନ୍ତି। ଏପରି ଗୁହାରି ବାରମ୍ବାର କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଯୋଗୁଁ ଆମ୍ଭେ ଅଞ୍ଚଳବାସୀ ଆଜି ଜାତୀୟ ରାଜପଥରେ ଆନ୍ଦୋଳନ କରିଥିବା କହିଛନ୍ତି। ପ୍ରଥମେ ଗୁରାଣ୍ଡି ଥାନା ଅଧିକାରୀ ଶ୍ରୀ ପାତ୍ର ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ରାସ୍ତାରୋକରୁ ହଟିନଥିଲେ ଗ୍ରାମବାସୀ। ଏହାପରେ ପାରଳାଖେମୁଣ୍ଡି ଏସ୍‌ଡିପିଓ ମାଧବାନନ୍ଦ ନାୟକ ଏବଂ ପରେ ପ୍ରଶାସନ ପକ୍ଷରୁ ଗୋଷାଣି ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ ଓ ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା ପହଞ୍ଚି ବୁଝାସୁଝା କରିଥିଲେ। ବିଡିଓ ଶ୍ରୀ ପଟ୍ଟନାୟକ ଆନ୍ଦୋଳନକାରୀଙ୍କୁ ଆସନ୍ତା ୭ ଦିନ ମଧ୍ୟରେ ପ୍ରଶାସନ, ପୁଲିସ, ଗ୍ରାମବାସୀ ଏବଂ ଜମିମାଲିକଙ୍କ ସହ ଆଲୋଚନା କରାଯାଇ ରାସ୍ତାନିର୍ମାଣ ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତା ଅବରୋଧରୁ ହଟିଥିଲେ ଆନ୍ଦୋଳନକାରୀ। ରାସ୍ତାରୋକରେ ଦୁଇ ବ୍ଲକର ପି.ଚିନ୍ନାରାଓ, ଏସ୍.ଗୋବିନ୍ଦ ରାଓ, ଏସ୍.ବାବୁ ରାଓ, ପି.କଦୋଣ୍ଡା ରାଓ, ଏମ୍. ଅର୍ଜୁନ ରାଓ, ଟି.ନରେଶ, ଏସ୍. ତେଜେଶ୍ୱର ରାଓ, କ୍ରୀଷ୍ଣା ମିଶାଲ, ପ୍ରଫୁଲ ମିଶାଲ, ଜୟ ସିଂଙ୍କ ସମେତ ଅଞ୍ଚଳର ଶତାଧିକ ପୁରୁଷ ଓ ମହିଳା ସାମିଲ ହୋଇଥିଲେ।



## ସଡ଼କ ଦୁର୍ଘଟଣାରେ ବୃଦ୍ଧ ମୃତ

ପାରଳାଖେମୁଣ୍ଡି, ୨୦।୧୨(ସମିସ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ଗୋଷାଣି ବ୍ଲକ ପୁତୁଣୀ ଛକ ନିକଟରେ ଏକ ସଡକ ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଯେ ମହାଦେଇପୁର ଗ୍ରାମର ପି. ଡାଲୟା ନାମକ ଜଣେ ବ୍ୟକ୍ତି ନିଜ ଗ୍ରାମକୁ ଚାଲି ଚାଲି ଯାଉଥିବା ବେଳେ ପୁତୁଣୀ ଗ୍ରାମ ନିକଟରେ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ବୃଦ୍ଧ ଜଣକ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖି ପଥଚାର ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ୫୦ ମିନିଟ ଧରି ନ ଆସିବା ଯୋଗୁଁ ଏକ ଅଟୋ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବଡ଼ଦିନ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ଜି.ଉଦୟଗିରି, ୨୦। ୧୨(ସମିସ): ବଡ ଦିନ ପାଇଁ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଶାନ୍ତି କମିଟି ସହିତ ଆରମ୍ଭ ହୋଇଛି ଫ୍ଲାଗ ମାର୍ଚ୍ଚ। ବଡ଼ଦିନକୁ ଶାନ୍ତିଶୃଙ୍ଖଳାର ସହ ପାଳନ ନିମନ୍ତେ ସ୍ଥାନୀୟ ଅଞ୍ଚଳରେ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ପୁଲିସ ପ୍ରଶାସନ ତରଫରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଜି.ଉଦୟଗିରି ପୁଲିସ ତରଫରୁ ଆଇଆଇସି ବିଜୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ରଟିଙ୍ଗିଆ, ଡକେଡ଼ି, ରୁଦାଙ୍ଗିଆ, ଗଦଗୁଡ଼ା, ପେନାଲା ଆଦି ଗ୍ରାମରେ ପୁଲିସ ତରଫରୁ ଫ୍ଲାଗ ମାର୍ଚ୍ଚ ଅନୁଷ୍ଠିତ ହୋଇଛି।

## ପିଏମ୍‌ଶ୍ରୀ ସରକାରୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ଜି.ଉଦୟଗିରି, ୨୦।୧୨(ସମିସ): ଜି ଉଦୟଗିରି ପିଏମଶ୍ରୀ ସରକାରୀ ହାଇସ୍କୁଲରେ ଦୁଇ ଦିନ ଧରି ଚାଲିଥିବା ଦ୍ୱିତୀୟ ବାର୍ଷିକ କ୍ରୀଡା ଉଦଯାପିତ ହୋଇଯାଇଛି। ଏହାକୁ ବରିଷ୍ଠ ନାଗରିକ ରମାକାନ୍ତ ମହାପାତ୍ର ଉଦଘାଟନ କରିଥିବା ବେଳେ ପ୍ରଧାନ ଶିକ୍ଷକ ରଞ୍ଜିତ କୁମାର ପାଟମାଝି ଏବଂ ବରିଷ୍ଠ ଶିକ୍ଷକ ବିଜୟ କୁମାର ମିଶ୍ର ଉପସ୍ଥିତ ରହିଥିଲେ। ବରିଷ୍ଠ ଏବଂ କନିଷ୍ଠ ବିଭାଗରେ ଶତାଧିକ ଛାତ୍ର ଅଂଶ ଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କ୍ରୀଡା ଦିବସରେ ଶିକ୍ଷକ ଶିକ୍ଷୟତ୍ରୀ ପୁରାତନ ଛାତ୍ର ମାନେ ସହଯୋଗ କରିଥିଲେ।

## ବେରେଡାକିଆ ସେବାଶ୍ରମର ବାର୍ଷିକ ଉତ୍ସବ

ରାଇକିଆ, ୨୦।୧୨(ସମିସ): ରାଇକିଆ ବ୍ଲକ ବେରେଡାକିଆ ସେବାଶ୍ରମର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ସର୍ମିଳା ସଭାସୁନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଅକ୍ଷୟ ପ୍ରଧାନ, ସମ୍ମାନିତ ଅତିଥି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଉର୍ମିଳା ପ୍ରଧାନ, ଗୁନ୍ଧାଣୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଖ୍ରୀଷ୍ଟାନ୍ଦ ନାୟକ ଯୋଗଦେଇ ଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଥିଲେ। ପ୍ରାରମ୍ଭରେ ସ୍ୱାଗତ ଓ ପରିଚୟ ପ୍ରଦାନ ଅନୁଷ୍ଠିତ ହୋଇଥିଲା ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଧାନ ଶିକ୍ଷୟତ୍ରୀ ବିଦ୍ୟାଳୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ କ୍ରିଡ଼ା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସମେତ ସମସ୍ତ କର୍ମଚାରୀ ପରିଚାଳନା ସହୋଯୋଗ କରିଥିଲେ।

## ବଡ଼ଦିନ ଉତ୍ସବ ପାଳନ ପ୍ରସ୍ତୁତି: ପୁଲିସର ଫ୍ଲାଗମାର୍ଚ୍ଚ



ବାଲିଗୁଡା, ୨୦।୧୨(ସମିସ): ବାଲିଗୁଡାରେ ବଡଦିନ ଉତ୍ସବ ପାଳନ ନିମନ୍ତେ ସ୍ଥାନୀୟ ପୋଲିସ ପ୍ରଶାସନର ବାଲିଗୁଡାରେ ଫ୍ଲାଗ ମାର୍ଚ୍ଚ। ଶନିବାର ସନ୍ଧ୍ୟାରେ ବାଲିଗୁଡା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶୁଭମ୍ ଭୋସଲେ, ଆଇଆଇସି ବାଲିଗୁଡା ସମ୍ବିତ ସ୍ୱାଇଁଙ୍କ ସମେତ ପୁଣି ଅନ୍ୟ ପ୍ରଶାସନ ବାଲିଗୁଡା ସହର ଓ ବାରଖମା ପରିଭ୍ରମଣ କରି ଚଳିତ ବର୍ଷ ବଡଦିନ କିପରି ଶାନ୍ତି ଶୃଙ୍ଖଳାର ସହିତ ପାଳନ ହେବ ସେ ସମ୍ପର୍କରେ ଫ୍ଲାଗ ମାର୍ଚ୍ଚ କରିବାର ଦେଖିବାକୁ ମିଳିଥିଲା।

ବଡଦିନ ଯେତିକି ପାଖେଇ ଆସୁଛି ବଜାର, ହାଟ, ଦୋକାନ ସେତିକି ଭିଡ ଦେଖିବାରେ ମିଳୁଛି। ଖ୍ରୀଷ୍ଟିଆନ ଭାଇ ଭଉଣୀ ମାନେ ନିଜ ନିଜ ଘର ସହିତ ଗୀର୍ଜା ଘର ଗୁଡିକ ସାଜସଜା କରି ରଙ୍ଗୀନ କରିବା ସହ ଆଲୋକମାଳାରେ ସୁନ୍ଦର ଦେଖାଯାଉଛି। ଏହି ଉତ୍ସବକୁ ଶାନ୍ତି ପୂର୍ଣ୍ଣ ଭାବରେ ଯେପରି ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଭାଇ ଭଉଣୀ ମାନେ ପାଳନ କରିପାରିବେ ସେଥିପାଇଁ ସ୍ଥାନୀୟ ପୁଲିସ ପ୍ରଶାସନ ସୁରକ୍ଷା ଉପରେ କଡାକଡ଼ି ଦୃଷ୍ଟି ରଖିଥିବା ବାଲିଗୁଡା ଏସଡିପିଓ କହିଛନ୍ତି।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ଟିକାବାଲି, ୨୦।୧୨(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ସେଣ୍ଟ ଜୋନ୍ସ ସ୍କୁଲ ପରିସରରେ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆଜି ଉଦଯାପିତ ହୋଇଯାଇଛି। ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ଏହି କ୍ରୀଡ଼ା ମହୋତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ହୋଇଥିଲା। ସ୍କୁଲର ପ୍ରିନ୍ସପାଲ ସାମୁଏଲ ନାୟକ ଏବଂ ଆସିଷ୍ଟାଣ୍ଟ ପ୍ରିନ୍ସପାଲ ରଞ୍ଜୀତ ଦିଗାଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଉଦଯାପନୀ ଉତ୍ସବରେ କୃତି ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ବିଭାଗରେ ସଫଳତା ହାସଲ କରିଥିବା ପ୍ରତିଯୋଗୀଙ୍କୁ ମାନପତ୍ର ଏବଂ ପଦକ ପ୍ରଦାନ କରାଯାଇଥିଲା।

## ବ୍ରାହ୍ମଣୀଗାଁରେ ପ୍ରାକ୍ ଖ୍ରୀଷ୍ଟ ଜନ୍ମ ଉତ୍ସବ

ବ୍ରାହ୍ମଣୀଗାଁ, ୨୦।୧୨(ସମିସ): ବ୍ରାହ୍ମଣୀଗାଁ ସହରର ଚର୍ଚ୍ଚ ପ୍ରାଙ୍ଗଣରେ ମିଳିତ ଖ୍ରୀଷ୍ଟିଆନ ସୁରକ୍ଷା ମଞ୍ଚ ତରଫରୁ ପ୍ରାକ୍ ଖ୍ରୀଷ୍ଟ ଜନ୍ମ ଉତ୍ସବ ପାଳିତ ହୋଇଛି। ପୂର୍ବାହ୍ନରେ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଗୀର୍ଜା ପ୍ରାଙ୍ଗଣରେ ପହଞ୍ଚିଥିଲା। ଚିତ୍ରସେନ କାର୍ଜିମାଝିଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟବକ୍ତା ଭାବେ ଅନନ୍ତ ପ୍ରସାଦ ସାମନ୍ତରାୟ, ଅନ୍ୟାନ୍ୟ ସମ୍ମାନିତ ଅତିଥି ଭାବେ ରମାକାନ୍ତ ବଳିଆର ସିଂ, ବିକ୍ରମ ବସ୍ତରାଇ, ବିଶପ ଶରତ ଚନ୍ଦ୍ର ପ୍ରଧାନ, ଜିରିମୀୟ ପ୍ରଧାନ, ସିଏସ ମଲ୍ଲିକ ଓ ସ୍ଥାନୀୟ ମୁଖ୍ୟ ଯାଜକ ବିମଳ କୁମାର ନାୟକ ଯୋଗ ଦେଇଥିଲେ। ବକ୍ତବ୍ୟରେ ଏହି ଦିନଟିକୁ ପ୍ରେମ, ଶାନ୍ତି, ମିଳନ, ଆନନ୍ଦ ଓ ମୁକ୍ତିର ଦିନ ଭାବରେ ପାଳନ କରିବାକୁ କୁହାଯାଇଥିଲା। ସଭା ପରେ ବିଭିନ୍ନ ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।



## ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



ଫିରିଙ୍ଗିଆ, ୨୦।୧୨(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ ପୁନମଙ୍କ ତତ୍ତ୍ୱାବଧାନ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ଫିରିଙ୍ଗିଆ ବିଡିଓ ଅନୁପ ଅଭିଷେକ ବେହେରା, ସମ୍ମାନିତ ଅତିଥି ଭାବରେ ଫିରିଙ୍ଗିଆ ଥାନା ଅଧିକାରୀ ଗୋପୀନାଥ ପ୍ରଧାନ, ବନାଞ୍ଚଳ ଅଧିକାରୀ ପ୍ରଦୋଶ କୁମାର ମହାରଣା, ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୟ ବେହେରା, ମଲିକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିକ୍ରମ ମଲିକ, ଆଞ୍ଚଳିକ ସାଧନ କର୍ମୀ ରାଜେଶ କୁମାର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଧୁସ୍ମିତା ନାୟକ ଯୋଗ ଦେଇଥିଲେ। ବିଦ୍ୟାଳୟର ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ମାୟାଧର ସେଠୀ ଓ ବିଦ୍ୟାଳୟର ଦୁଇଛାତ୍ର ଛାତ୍ରୀ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଗୋପାଳ କହଁର, ନିର୍ମାଲ୍ୟ ସାହାଣୀ, ବାସୁଦେବ ସାହାଣୀ, ସୁଚିତ୍ରା ଦିଗାଲ, ଉର୍ମିଳା ଜୁଣ୍ଡି, କୁମାରୀ ଟିନା ଚାନ୍ଦ, ସୁଚରିତା ନାୟକ ଓ ସଂଯୁକ୍ତା ମହାପାତ୍ରଙ୍କ ସହ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଦୁଷ୍କର୍ମ ମାମଲାରେ ୨୦ ବର୍ଷ ଜେଲ୍

ପାରଳାଖେମୁଣ୍ଡି, ୨୦।୧୨ (ସମିସ) : ଦିନକୁ ଦିନ ସମାଜରେ ଦୁଷ୍କର୍ମ ତଥା ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିଷୟରେ ଶୁଣିବାକୁ ମିଳୁଛି। ସେହି ମଧ୍ୟରେ ଆଜି ଗଜପତି ଜିଲ୍ଲାରୁ ଏକ ସମ୍ବେଦନଶୀଳ ମାମଲାରେ ଆଶ୍ୱସ୍ତିକର ଖବର ସାମନାକୁ ଆସିଛି। ଯେଉଁ ମାମଲାର ଶୁଣାଣି କରି ଗଜପତି ଜିଲ୍ଲା ଅତିରିକ୍ତ ଜିଲ୍ଲା ସେସନ ଜଜ ବିଭୁ ପ୍ରସାଦ ପଣ୍ଡା ପୋକ୍ସୋ ଆକ୍ଟର ଧାରା ୬ରେ ପାରଳାଖେମୁଣ୍ଡିସ୍ଥିତ ସଞ୍ଜୟ ଗାନ୍ଧୀ କଲୋନୀର ଅଭିଯୁକ୍ତ ବାମିଡ଼ି ବାଲୁ ଓରଫ ବାଲାଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷର ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ଛଅ ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି କ୍ଷତାକ୍ତ କରିବା ପାଇଁ ଥିବା ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୨୩ରେ ଉକ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୩ମାସ ସଶ୍ରମ କାରାଦଣ୍ଡର ସଜା ଶୁଣାଇଛନ୍ତି ଓ ଅପହରଣ ପାଇଁ ରହିଥିବା ଧାରା ୩୬୩ରେ ଉକ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୩ବର୍ଷର ସଶ୍ରମ କାରାଦଣ୍ଡ ସହ ୧ହଜାର ଟଙ୍କା ଜୋରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ଦୁଇ ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ବିଚାରପତି ନିଜ ରାୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ପିଡ଼ିତାଙ୍କୁ କ୍ଷତିପୂରଣ ବାବଦକୁ ୪ଲକ୍ଷ ଟଙ୍କା ପ୍ରଦାନ କରିବା ନିମନ୍ତେ ନିର୍ଦ୍ଦେଶ ଜାରି କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଆର. ଜନାର୍ଦ୍ଦନ ରାଓ ଏହି ମାମଲା ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ଫେବୃଆରୀ ୨୬ ତାରିଖ ସନ୍ଧ୍ୟାରେ ପିଡ଼ିତା ନିଜ ଟ୍ୟୁସନ ଶେଷ କରି ଘରକୁ ଠିକ ସମୟରେ ଫେରି ନଥିଲେ। ବାପା ମାଆ ବ୍ୟତିବ୍ୟସ୍ତ ହୋଇ ଚାରିଆଡେ ଖୋଜିବା ଆରମ୍ଭ କରିଥିଲେ। ପରେ ପିଡ଼ିତାଙ୍କ ବାପା ଜଣଙ୍କ ପାଖରୁ ଖବର ପାଇଲେ ଯେ, ତାଙ୍କ ଝିଅଙ୍କୁ କିଏ ଜଣେ ଚଳନ୍ତା କାରରୁ ଫୋପାଡ଼ି ଦେଇ ପଳାଇଛି। ସେଠାରୁ ନିଜ ଝିଅକୁ ଉଦ୍ଧାର କରି ସବୁ ବିଷୟରେ ଜାଣିବାକୁ ପାଇଥିଲେ। ସ୍ଥାନୀୟ ସଞ୍ଜୟ ଗାନ୍ଧୀ କଲୋନୀର ଅଭିଯୁକ୍ତ ବି. ବାଲୁ ତାଙ୍କ ନାବାଳିକା ଝିଅକୁ ଜୋର ଜବରଦସ୍ତ କାରରେ ଅପହରଣ କରି ନେଇ ଦୁଷ୍କର୍ମ କରିଥିବା ଓ ପରେ ଜୀବନରେ ମାରିବାକୁ ଧମକ ଦେଇ ଚଳନ୍ତା କାରରୁ ତାଙ୍କୁ ଫୋପାଡ଼ି ଦେଇଥିବା ଜଣାପଡ଼ିଥିଲା। ୨୭ ତାରିଖରେ ପାରଳାଖେମୁଣ୍ଡି ଥାନାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପିଡ଼ିତାଙ୍କ ବାପା ମାମଲା ଦାୟର କରିଥିଲେ। ପୁଲିସ ମାମଲାର ତଦନ୍ତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ।

## ମିଶନ ଶକ୍ତି କାଫେ ଘର ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ

ଗୁମ୍ମା, ୨୦।୧୨(ସମିସ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ। ଉପାନ୍ତ ଅଞ୍ଚଳର ବିକାଶ ହେଲେ ରାଜ୍ୟର ବିକାଶ ହେବ ବୋଲି ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ହେଲେ ସ୍ୱୟଂ ସହାୟକ ମହିଳାଙ୍କ ପାଇଁ ଯେଉଁ ଯୋଜନା କରାଯାଇଛି ତାହା ବାସ୍ତବରେ କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ ହେଉଛି। ସୂଚନା ମୁତାବକ ଗଜପତି ଜିଲ୍ଲା ଗୁମ୍ମା ବ୍ଲକ କାର୍ଯ୍ୟାଳୟ ପରିସରରେ ମା' ସନ୍ତୋଷୀ ସ୍ୱୟଂ ସହାୟକ ଗୋଷ୍ଠୀ ୧୦ ବର୍ଷ ଧରି କ୍ୟାଣ୍ଟିନ୍ ପରିଚାଳନା କରୁଥିବା ବେଳେ ଅସୁରକ୍ଷିତ ଭାବେ ଭଙ୍ଗା ଘରେ ରୋଷେଇ କରି ଆସୁଛନ୍ତି। ସ୍ୱୟଂ ସହାୟକାଙ୍କ ଆବଶ୍ୟକତାକୁ ଦୃଷ୍ଟି ଦେଇ ସରକାର ନୂତନ କେଫେ ଗୃହ ନିର୍ମାଣ ପାଇଁ ଅନୁଦାନ ପ୍ରଦାନ କରିଥିଲେ। କିନ୍ତୁ କେଫେ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ତିନି ବର୍ଷ ବିତିଯାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ହେଉନାହି ବୋଲି ମା' ସନ୍ତୋଷୀ ସ୍ୱୟଂ ସହାୟକା ଗୋଷ୍ଠୀ ସଭାପତି ବବିତା ପାଇକ, କୋଷାଧ୍ୟକ୍ଷ ସସ୍ମିତା ଦଳାଇ, ଭୂଦେବୀ ପାଇକ, ଲଳିନୀ ପାଇକ, ସରସ୍ୱତୀ ଜେନା, ଲିଜା ଦଳାଇ ଓ ସନ୍ତୋସିନୀ ପାଇକ କହିଛନ୍ତି। ସେହିପରି ଦୀର୍ଘ ବର୍ଷ ଧରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମନ୍ଥର ଗତିରେ ନିର୍ମାଣକୁ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି। ଏପଟେ ପେଟି ଠିକାଦାର ପ୍ରାପ୍ୟ ଟଙ୍କା ପ୍ରଦାନରେ ବିଳମ୍ବ ଏବଂ ଅସହଯୋଗ ହୋଇଛି। ଏନେଇ ବିଡ଼ିଓ ଦୁଲାରାମ ମାରାଣ୍ଡି ପେଟି ଠିକାଦାର ଉକ୍ତ କୋଠାକୁ ଅକ୍ତିଆର କରି ଅସାମାଜିକ କାର୍ଯ୍ୟକଳାପ କରୁଥିବା ଜାଣି ସେରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଏବଂ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ନିର୍ମାଣ କାର୍ଯ୍ୟ ସମ୍ପାଦନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



## ଦୁଇ କିଡ୍‌ନୀ ଫେଲ୍ ସତ୍ତ୍ୱେ ଜନସେବା ଛାଡ଼ିନାହାନ୍ତି ବାଳକୃଷ୍ଣ

ମୋହନା, ୨୦।୧୨(ସମିସ): ଲୋକଙ୍କ ସେବା ପାଇଁ ଆଗକୁ ଆସିଲେ। ପ୍ରଥମ କରି ସରପଞ୍ଚ ଭାବେ ନିର୍ବାଚିତ ହେଲେ। ହେଲେ ଏମିତି ଦୁଃଖ ଆସିବ ତାହା କେବେ ଭାବିନଥିଲେ। ନିଜ ଦୁଃଖ କଷ୍ଟକୁ ନିଜେ ହୃଦୟରେ ଚାପି ରଖି ଆଗକୁ ବଢ଼ି ଚାଲିଛନ୍ତି ସରପଞ୍ଚ ବାବୁ। ତାଙ୍କର ଦୁଇଟି ଯାକ କିଡ୍‌ନୀ ଫେଲ। ତଥାପି ଲୋକଙ୍କ ସେବା କରି ଚାଲିଛନ୍ତି। ସରପଞ୍ଚ ବାବୁ ଜଣକ ହେଲେ ଗଜପତି ଜିଲ୍ଲା ଆର୍. ଉଦୟଗିରି ବ୍ଲକ ଅନ୍ତର୍ଗତ ରଣ୍ଡିବା ଗ୍ରାମ ପଞ୍ଚାୟତର ବାଳକୃଷ୍ଣ

### ରକ୍ତଦାନ କରି ବଞ୍ଚାଇଛନ୍ତି ପଞ୍ଚାୟତବାସୀ

ବେହେର୍ଦ୍ଦଳାଇ। ଦୁଇ ବର୍ଷ ତଳେ ତାଙ୍କର ହଠାତ୍ ଦେହ ଖରାପ ହୋଇଗଲା। ପ୍ରଥମେ ଚନ୍ଦ୍ରଗିରି ପରେ ବ୍ରହ୍ମପୁର ସହ ଭୁବନେଶ୍ୱରକୁ ଗୁରୁତର ଅବସ୍ଥାରେ ସ୍ଥାନାନ୍ତର କରି ଚିକିତ୍ସା କରାଇଥିଲେ ପରିବାର ବର୍ଗ। ହେଲେ ସେଠାରେ ଡାକ୍ତର ତାଙ୍କୁ ଦୁଇଟି ଯାକ କିଡ୍‌ନୀ ଫେଲ୍ ହୋଇଯାଇଛି ଆଉ କିଛି ଦିନ ବଞ୍ଚିବେ ବୋଲି କହିଥିଲେ। ତଥାପି ସେ ହାର ମାନିନଥିଲେ। ଆଜକୁ ଦୁଇ ବର୍ଷ ହେବ ଦୁଇଟି କିଡନୀ ଫେଲ ହୋଇଥିଲେ ମଧ୍ୟ ତାଙ୍କ ସମ୍ପର୍କ ଏମିତି ଯେ ପଞ୍ଚାୟତର ପାଖାପାଖି ୭୦ ଜଣ ରକ୍ତ ଦେଇ ତାଙ୍କୁ ବଞ୍ଚାଇ ଚାଲିଛନ୍ତି। ବର୍ତ୍ତମାନ ଟଙ୍କା ଅଭାବରୁ ଚିକିତ୍ସା କରିବା ମଧ୍ୟ ତାଙ୍କ ପାଇଁ ସମ୍ଭବପର ହୋଇ ପାରୁନାହିଁ। ନିଜ ଜମି ସହ ସ୍ତ୍ରୀଙ୍କ ଥିବା ସୁନା ଅଳଙ୍କାର ମଧ୍ୟ ବିକ୍ରି କରି ସାରିଲେଣି। ସାରା ରାଜ୍ୟରେ ଥିବା ସରପଞ୍ଚଙ୍କ ମଧ୍ୟରୁ କିଛି ସରପଞ୍ଚ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ତଥାପି ଦୁଇ ବର୍ଷରେ ପାଖାପାଖି ୧୩ ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇ ସାରିଲାଣି। ଏମିତି କି ତାଙ୍କର ଦୁଇଦିନକୁ ଥରେ ବ୍ରହ୍ମପୁର ବଡ଼ ମେଡିକାଲକୁ ଯାଇ ଡାୟଲିସିସ୍ କରିବାକୁ ପଡୁଛି। ଏମିତିରେ ଖର୍ଚ୍ଚାନ୍ତ ବାଢ଼ିବା ସାଙ୍ଗକୁ ଶରୀର ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ତଥାପି ସେ ହାର ମାନୁନାହାନ୍ତି। ନିଜ ପଞ୍ଚାୟତ କାର୍ଯ୍ୟାଳୟରେ ଲୋକଙ୍କ ସେବା କରିବା ସହ ପଞ୍ଚାୟତରେ ଚାଲିଥିବା ଉନ୍ନୟନ ମୂଳକ କାର୍ଯ୍ୟର ତଦାରଖ କରି ଏବେ ପ୍ରଶଂସା ସହ ସଭିଙ୍କ ପ୍ରିୟପାତ୍ର ହୋଇ ପାରିଛନ୍ତି। ଏଭଳି ସରପଞ୍ଚ ପାଇ ପଞ୍ଚାୟତ ବାସିନ୍ଦା ମଧ୍ୟ ବେଶ୍ ଗର୍ବ ଅନୁଭବ କରିବା ସହ ତାଙ୍କ ସ୍ୱାସ୍ଥ୍ୟବସ୍ଥା ନେଇ ଦୁଃଖ ପ୍ରକାଶ ମଧ୍ୟ କରୁଛନ୍ତି। ସମସ୍ତ ପଞ୍ଚାୟତ ବାସିନ୍ଦା ସରପଞ୍ଚଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ସହ ଠିକ୍ କରିବା ପାଇଁ ସରକାରଙ୍କ ନିକଟରେ ନେହୁରା ହୋଇଛନ୍ତି। ଏମିତିରେ ଜନ ସେବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରୁଥିବା ଏବଂ ମରଣ ସହ ସଂଘର୍ଷ କରୁଥିବା ଜଣେ ଜନ ପ୍ରତିନିଧିଙ୍କୁ ସରକାର କିଭଳି ଭାବେ ସହାୟତା କରୁଛନ୍ତି ତାକୁ ଚାହିଁ ରହିଛନ୍ତି ଅଞ୍ଚଳବାସୀ।



## ଗଜପତି ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୨୦।୧୨(ସମିସ)




ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗ ତରଫରୁ ଜିଲ୍ଲାସ୍ତରୀୟ ନିରନ୍ତର ବିକାଶ ପଥରେ ଗଜପତି ଜିଲ୍ଲା ସ୍ତରୀୟ ତାଲିମ୍ କାର୍ଯ୍ୟକ୍ରମ ଭାରପ୍ରାପ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନନାଗାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲାପରିଷଦ ସଭାପତି ଜି. ତିରୁପତି ରାଓ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଜିଲ୍ଲାପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ପାରଳାଖେମୁଣ୍ଡି ମହିଳା ମହାବିଦ୍ୟାଳୟ ଅର୍ଥନୈତିକ ଅଧ୍ୟାପକ ଭଗବାନ ରାଉତ ଓ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଅଧିକାରୀ ପ୍ରକାଶ ରାଉତ ମଞ୍ଚାସୀନ ଥିଲେ। ଉକ୍ତ କର୍ମଶାଳାରେ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ୨୦୩୦ ଏଜେଣ୍ଡାରେ ରାଜ୍ୟ ତଥା ଜିଲ୍ଲାରୁ ଦାରିଦ୍ର୍ୟ ସମ୍ପୂର୍ଣ୍ଣ ଦୂରୀକରଣ, ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରି କ୍ଷୁଧାମୁକ୍ତ ରାଜ୍ୟ ଗଠନ କରିବା, ସମସ୍ତଙ୍କ ପାଇଁ ପୋଷଣ ଯୁକ୍ତ ଖାଦ୍ୟ ଉପଲବ୍ଧ କରାଇବା, ଗୁଣାବକ ଶିକ୍ଷା ସହ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା, ମହିଳା ସଶକ୍ତିକରଣ ପକ୍ରିୟାକୁ ତ୍ୱରାନିତ କରାଇବା, ଲିଙ୍ଗଗତ ଅସମାନତା ଦୂର କରିବା, ସମସ୍ତଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ସୁନିଶ୍ଚିତ, ଶିଳ୍ପାୟନକୁ ପ୍ରୋତ୍ସାହନ ଦେବା, ଜଳବାୟୁ ପରିବର୍ତ୍ତନ ଏବଂ ଏହାର ପ୍ରଭାବର ମୁକାବିଲା କରିବା ପାଇଁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ତଥା ସ୍ଥାନୀୟ ସମ୍ବଳର ଉଚିତ ବ୍ୟବହାର କରିବା ଉପରେ କର୍ମଶାଳାରେ ଗୁରୁତ୍ୱାରୋପ କରଯାଇଥିଲା। ଦିନିଆ ପ୍ରଶିକ୍ଷଣ ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସିଡିପିଓ ମାନଙ୍କୁ ସଠିକ ତଥ୍ୟ ଅନୁଯାୟୀ ତୃଣମୂଳସ୍ତରକୁ ଯାଇ ସରକାରଙ୍କ ଯୋଜନା ସଫଳ ରୂପାୟନର ସ୍ଥିରୀକୃତ ୧୭ ଲକ୍ଷ୍ୟ ୨୦୩୦ ସୁଦ୍ଧା ହାସଲ ପାଇଁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ପାରଳାଖେମୁଣ୍ଡି ମହିଳା ମହାବିଦ୍ୟାଳୟ ଅର୍ଥନୈତିକ ଅଧ୍ୟାପକ ଶ୍ରୀ ରାଉତ କହିଥିଲେ ନିରନ୍ତର ବିକାଶ ପଥରେ ଗଜପତି ଜିଲ୍ଲାର ଦୀର୍ଘସ୍ଥାୟୀ ବିକାଶ ପାଇଁ ୨୦୩୦ ସୁଦ୍ଧା ନିର୍ଦ୍ଧାରିତ ୧୭ ଲକ୍ଷ୍ୟକୁ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ବା ଏସ୍‌ଡିଜି କିପରି ହାସଲ କରିହେବ ଓ ସମସ୍ତେ ୧୭ଟି ଲକ୍ଷ୍ୟକୁ ସୁନିଶ୍ଚିତ ସାଧନ ହୋଇପାରିବ ବୋଲି ତାଲିମ ଦେଇଥିଲେ। ସେହିପରି ସ୍ଥାନୀୟ ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟାକୁ ଗୁରୁତ୍ୱ ସହ ନେଇ ଏହାକୁ ସମାଧାନ କରିବା ସହ ସେହି ଅଞ୍ଚଳର ସମ୍ବଳକୁ ଉପଯୋଗ କରି କାର୍ଯ୍ୟରେ ଲଗାଇଲେ ଏକ ଦୀର୍ଘସ୍ଥାୟୀ ବିକାଶ ସମ୍ଭବ ପର ହୋଇପାରିବ। ଏହା ଦ୍ୱାରା ଭବିଷ୍ୟତ ପିଢ଼ିର ବିକାଶ ସମ୍ଭବ ବୋଲି ଭାରପ୍ରାପ୍ତ ଜିଲ୍ଲାପାଳ ଶ୍ରୀ ହୋନନାଗା ମତ ଦେଇଥିଲେ। ଉକ୍ତ ତାଲିମ କାର୍ଯ୍ୟକ୍ରମକୁ ଆକାଂକ୍ଷା ବ୍ଲକ ଫେଲୋ ରା.ଉଦୟଗିରି ଓ ଗୁମ୍ମାର କାହ୍ନୁ ଚରଣ ପାଣିଗ୍ରାହୀ ଓ ବାପି କିଶୋର ଦିଗାଲ ତାଲିମ ପ୍ରଦାନ କରିଥିଲେ।

# ରାସ୍ତାକଡ଼ରେ ବେଧଡ଼କ ଷ୍ଟ୍ରିଟ୍ ଫୁଡ୍; ଖାଦ୍ୟ ସୁରକ୍ଷା ଅଧିକାରୀ ନିରବ

କୁକୁଡ଼ାଖଣ୍ଡି,୨୦ ।୧୨(ସମିସ): ଗ୍ରାମାଞ୍ଚଳର ବିଭିନ୍ନ ହୋଟେଲ, ଶୁଖିଲା ଖାଦ୍ୟ ସାମଗ୍ରୀ ବିକ୍ରି କରୁଥିବା ଦୋକାନ ଉପରେ ଦୃଷ୍ଟି ଦେବା ଏବଂ ରାସ୍ତା ପାର୍ଶ୍ୱରେ ବିକ୍ରି ହେଉଥିବା ଖାଦ୍ୟର ଗୁଣବତ୍ତା ଯାଞ୍ଚ କରିବା ଲାଗି ଅଧିକାରୀ ନିଯୁକ୍ତି ହୋଇଛନ୍ତି। ହେଲେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଯାଞ୍ଚ କରୁନାହାନ୍ତି। ଫଳରେ ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳୁଛନ୍ତି ଅସାଧୁ ବ୍ୟବସାୟୀ ଓ ହୋଟେଲ ମାଲିକ। କୁକୁଡ଼ାଖଣ୍ଡି ବ୍ଲକରେ ୨୨ଟି ପଞ୍ଚାୟତ ରହିଛି। ଲୋକଙ୍କ ସଂଖ୍ୟା ଦୃଷ୍ଟିରୁ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଛତୁ ଫୁଟିବା ଭଳି ହୋଟେଲ ଓ ଫାଷ୍ଟଫୁଡ୍ ଦୋକାନ ଖୋଲାଯାଇଛି। ସେହିଭଳି ବିଭିନ୍ନ ଗ୍ରାମାଞ୍ଚଳର ରାସ୍ତାକଡ଼ରେ ଯାବତୀୟ ଷ୍ଟ୍ରିଟ୍ ଫୁଡ୍ ମଧ ମିଳୁଛି। ସଞ୍ଜ ନଇଁବା ମାତ୍ରେ ଆମିଷ ଓ ନିରାମିଷ ଫାଷ୍ଟଫୁଡ୍ ଦୋକାନ ମାନଙ୍କରେ ଭିଡ଼ ଜମୁଛି। ଲୋକଙ୍କ ପାଟିକୁ ସ୍ୱାଦ ଲାଗିବା ଭଳି ଖାଦ୍ୟ ପରଷୁଛନ୍ତି ହେଟେଲ କର୍ମଚାରୀ। ସେଥିପାଇଁ ନିମ୍ନମାନର ତେଲ ସାଙ୍ଗକୁ ଚାଇନା ସଲ୍ଟ, ବିଭିନ୍ନ ରାସାୟନିକ ରଙ୍ଗ ମିଶାଯାଉଛି। ଫଳରେ ଏଗୁଡ଼ିକୁ ଖାଇ ଲୋକ ବିଭିନ୍ନ ପେଟ ରୋଗରେ ପୀଡ଼ିତ ହେଉଥିବା ଅଭିଯୋଗ ହେଉଛି। ଏହି ସବୁ ଖାଦ୍ୟର ଗୁଣବତ୍ତା, ହୋଟେଲ ମାନଙ୍କରେ ପ୍ରସ୍ତୁତ ହେଉଥିବା ଖାଦ୍ୟ, ସ୍ୱାସ୍ଥ୍ୟକର ପରିବେଶ ଇତ୍ୟାଦି ଯାଞ୍ଚ କରିବା ଲାଗି ବ୍ଲକ ମୁଖ୍ୟାଳୟରେ ଖାଦ୍ୟ ସୁରକ୍ଷା ଅଧିକାରି ନିଯୁକ୍ତ ହୋଇଛନ୍ତି। ହେଲେ ଗ୍ରାମାଞ୍ଚଳକୁ ଏହି ସବୁ ଅଧିକାରୀଙ୍କ ପାଦ କେବେ ପଡୁନଥିବା ଅଭିଯୋଗ ହେଉଛି। ଫଳରେ ଅସାଧୁ ଦୋକାନୀ ମାନେ ଗୋଟିଏ ତେଲକୁ ବାରମ୍ବାର ବ୍ୟବହାର କରୁଛନ୍ତି। ଏମିତିକି ଦିନକର ତେଲ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ପରେ ପରିଦିନ କିମ୍ବା ୩ ଦିନ ପର୍ଯ୍ୟନ୍ତ ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ଏନେଇ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ତାହା ସମ୍ଭବ ହୋଇପାରିନି। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ୨୦ ଗ୍ରାମ୍ ସୁନା, ୮ କେଜି ରୁପା ଜବତ; ଜଣେ ଗିରଫ

ପୋଲସରା,୨୦।୧୨(ସମିସ)



ପୋଲସରା ଥାନା ମଧୁପଲ୍ଲୀ ଗ୍ରାମରେ ଗତ ୧୬ ତାରିଖ ରାତ୍ର ଘଟି ଥିବା ଚୋରି ଘଟଣାରେ ପୋଲସରା ଥାନା ପୁଲିସକୁ ସଫଳତା ମିଳିଛି। ଜଣେ ଅଭିଯୁକ୍ତକୁ ଗିରଫ କରିବା ସହ ୨୦ ଗ୍ରାମର ସୁନା ଓ ୮ କେଜି ରୁପା ଜବତ କରିଛି ପୋଲସରା ପୁଲିସ। ଗିରଫ ଅଭିଯୁକ୍ତ ଜଣକ ହେଲେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଅନ୍ତର୍ଗତ ବରପଟଣା ସାହିର ଶ୍ରୀକାନ୍ତ ମହାପାତ୍ର (୩୦)। ସୂଚନା ମୁତାବକ ମଧୁପଲ୍ଲୀ ନୂଆ ସାହିର ଅଳଙ୍କାର ବ୍ୟବସାୟୀ ପବିତ୍ର ମହାପାତ୍ର ଗତ ୧୬ ତାରିଖରେ ନିଜ ପରିବାର ସହ ବାହାରକୁ ଜଣେ ସମ୍ପର୍କୀୟଙ୍କ ଘରକୁ ଏକ ଭୋଜି ଖାଇବାକୁ ଯାଇ ସେଠାରେ ୨ ଦିନ ରହି ୧୯ ତାରିଖରେ ଫେରିଥିଲେ। ଘରର କବାଟ ଖୋଲାଥିବା ବେଳେ ଅଲିମିରା ଭାଙ୍ଗି ଦୁର୍ବୃତ୍ତ ମନେ ସୁନା ଓ ରୁପା ଅଳଙ୍କାର ଲୁଟି ନେଇଥିବା ପୋଲସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲସରା ପୁଲିସ ୮୭୦/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଗିରଫ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିବା ନେଇ ପୋଲସରା ଥାନାଧିକାରୀ କୌଶିକ ମାଝୀ କହିଛନ୍ତି।

# ଶିଶୁ ମନ୍ଦିରର ରୌପ୍ୟ ଜୟନ୍ତୀ



ଦିଗପହଣ୍ଡି,୨୦ ।୧୨(ସମିସ): ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶ୍ରୀଧାମ ଆବାସିକ ବିଦ୍ୟାଳୟର ୨୫ ତମ ପ୍ରତିଷ୍ଠା ଦିବସ ଅବସରରେ ରୌପ୍ୟ ଜୟନ୍ତୀ ସମାରୋହ ଶନିବାର ଉଦଘାଟିତ ହୋଇଯାଇଛି। ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ସମାରୋହର ପ୍ରଥମ ଦିବସରେ ବିଦ୍ୟାମନ୍ଦିର ପରିଚାଳନା ସମିତି ପକ୍ଷରୁ ନବକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ତଥା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ସାଧୁ ସନ୍ଥ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ଅଞ୍ଚଳରୁ ସଂକୀର୍ତ୍ତନ ମଣ୍ଡଳୀ ଓ ଭାଗବତ ଗାଦି ଅଧିକାରୀ ବୃନ୍ଦ ଏହି ସମାରୋହରେ ଉପସ୍ଥିତ ଥିଲେ। ଶିଶୁ ମନ୍ଦିର ପ୍ରତିଷ୍ଠାତା ଡ଼ କୃଷ୍ଣଚନ୍ଦ୍ର ଦାଶଙ୍କ ସଂଯୋଜନାରେ ଗ୍ରାମର ଶ୍ରୀଶନି ମନ୍ଦିର ପୁଷ୍କରିଣୀ ଠାରେ ଗଙ୍ଗା ଆବାହନ କରାଯାଇ ୧୦୮ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବା ପରେ ସମାରୋହସ୍ଥଳରେ ପହଞ୍ଚିଥିଲା। ଯଜ୍ଞମଣ୍ଡପରେ ବିଧିବଦ୍ଧ ଭାବେ ଗାୟତ୍ରୀ ମହାଯଜ୍ଞ ଆରମ୍ଭ ହୋଇଥିଲା। ସାଧୁ ସନ୍ଥ ମହନ୍ତ ସମାବେଶରେ ସ୍ୱାମୀ ଯୋଗାନନ୍ଦ ସରସ୍ୱତୀ, ସ୍ୱାମୀ ଭାସ୍କରତୀର୍ଥ ଲକ୍ଷ୍ମୀ ବାବା, ସ୍ୱାମୀ ହରି ଶରଣାନନ୍ଦ ସରସ୍ୱତୀ, ସ୍ୱାମୀ ସତ୍ୟାନନ୍ଦ ଗିରି ବିଦ୍ୟାନନ୍ଦ ସରସ୍ୱତୀ, ମହନ୍ତ ହରିରର ଦାସ, ସନ୍ଥ ସଦାନନ୍ଦ ଦାସ, ରାମଦାସାନନ୍ଦ ସରସ୍ୱତୀ, ବ୍ରହ୍ମଚାରୀ ଅନ୍ତର୍ଯ୍ୟାମୀ ସ୍ୱରୂପ, ପ୍ରକାଶାନନ୍ଦ ସରସ୍ୱତୀଙ୍କ ସମେତ ବହୁ ସାଧୁ ସନ୍ଥ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ନୃତ୍ୟ ନିର୍ଦ୍ଦେଶକ ଶାଶ୍ୱତ ଯୋଶୀ, ହରିହର ଦାସ, ସୌରଭ ଭରଦ୍ୱାଜଙ୍କ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାମନ୍ଦିରର ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ, ଅଭିଭାବକ ଏବଂ ପୂର୍ବତନ ଛାତ୍ରଛାତ୍ରୀ ପରିଚାଳନା କରିଥିଲେ।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଗଞ୍ଜାମ,୨୦ ।୧୨(ସମିସ): ଗଞ୍ଜାମ ବ୍ଲକ କରପଡ଼ା ଗ୍ରାମରେ ଅବସ୍ଥିତ ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି।



କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଗଞ୍ଜାମ ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ ଏବଂ ସମ୍ମାନିତ ଅତିଥି ଭାବେ ଗଞ୍ଜାମ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ବେହେରା, ସମାଜସେବୀ ଦୁର୍ଯ୍ୟୋଧନ ରେ‡ୀ ଓ ରାଜପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଲକ୍ଷ୍ମଣ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଉଭୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଏବଂ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପରେ ଉଭୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କରପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ଥାନ ର ଅଭାବ ହେତୁ ଏହାକୁ କରପଡ଼ା ଉଚ୍ଚ ବିଦ୍ୟାଳୟକୁ ସ୍ଥାନାନ୍ତର କରି ଏହାକୁ ଓଡ଼ିଶା ସରକାରଙ୍କ ପ୍ରାୟୋଜିତ ଗୋଦାବରୀଶ ମିଶ୍ର ଆଦର୍ଶ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରୂପାନ୍ତରଣ କରିବାକୁ ଗ୍ରାମବାସୀ ବିଧାୟକଙ୍କ ନିକଟରେ ନିବେଦନ କରିଥିଲେ। କରପଡ଼ା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ଦାସ ଏବଂ କରପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଉଭୟ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ସହାୟତା କରିଥିଲେ।

# ନିମିନା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଆସିକା,୨୦ ।୧୨(ସମିସ): ଆସିକା ବ୍ଲକ ଅନ୍ତର୍ଗତ ନିମିନା ଠାରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ଦୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦୁପଦର କଲେଜର ଅଧ୍ୟକ୍ଷ ଡ଼. ଅମର ପ୍ରସାଦ ବିଷୋୟୀ, ଆସିକା ବ୍ଲକ ଉପାଧ୍ୟକ୍ଷା ରେଶମା ଦୋରା, ନିମିନା ସରପଞ୍ଚ ବିଦ୍ୟାନ କୁମାର ଚର୍ଚ୍ଚି, ନିମିନା ୟୁନିୟନ ବ୍ୟାଙ୍କ ମ୍ୟାନେଜର ଜ୍ୟୋତି ରଞ୍ଜନ ଦାଶ, ମହାମାୟୀ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ରାଧା ଚରଣ ସାହୁ, ସଂଗୀତ ପାଢ଼ୀ, ନିମିନା ସମିତି ସଭ୍ୟଙ୍କ ସ୍ୱାମୀ ଶଶାଙ୍କ ଶେଖର ଚର୍ଚ୍ଚି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ବିଦ୍ୟାଳୟରେ ମୋଟ ୪୬୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି।

ଶିକ୍ଷକ ଆଲୋକ ସାହୁ, ମଧୁସୂଦନ ବେହେରା, ରାଜେଶ ସ୍ୱାଇଁ, ଜାନକୀ ପ୍ରଧାନ, ଗାୟତ୍ରୀ ନାୟକ, ଦେବଯାନୀ ଦାଶ, ତ୍ରିନାଥ ବେହେରା, ରଶ୍ମିତା କୁମାରୀ ସ୍ୱାଇଁ, ମିନାକ୍ଷୀ ମହାପାତ୍ର, ଶୁଭମ ପାଣିଗ୍ରାହୀ, ପ୍ରିୟଙ୍କା ପାତ୍ର, ଦୀପ୍ତିମୟୀ ତରାଇ, ଅଜୟ କୁମାର ପରିଡା ସମେତ ଆକାଶ ରେଡି, ବିଶ୍ୱଜିତ ଲେଙ୍କା, ଶୁଭସ୍ମିତା ଦାଶ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଯୌନ ନିର୍ଯାତନା ଆଇନ ସମ୍ପର୍କିତ ସଚେତନତା

ବ୍ରହ୍ମପୁର,୨୦।୧୨(ସମିସ): ବ୍ରହ୍ମପୁର ମହାନଗର ନିଗମ ନୂତନ ସମ୍ମିଳନୀ କକ୍ଷରେ କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ଯୌନ ନିର୍ଯାତନା (ନିବାରଣ,ନିଷେଧ ଓ ନିରାକରଣ) ଆଇନ ୨୦୧୩ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମେୟର ସଂଘମିତ୍ରା ଦଳେଇ, କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବା ସହ ଶେଷରେ ଏକ କୁଇଜ ପ୍ରତିଯୋଗିତା ହୋଇଥିଲା। ଏହି ଆଇନ ସମ୍ପର୍କିକ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ଯୌନ ନିର୍ଯାତନା ଲିଙ୍ଗ ବୈଷମ୍ୟ ଓ ପାରମ୍ପରିକ ନାରୀବିରୋଧୀ ମାନସିକତାର ହିଁ ପ୍ରତିଫଳନ ଏବଂ ସେହି ମାନତିକତାରେ ପରିବର୍ତ୍ତନ ଜରୁରୀ ବୋଲି ନିଗମର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ପ୍ରିଜାଇଡିଂ ଅଫିସର କଲ୍ୟାଣୀ ସଙ୍ଘମିତ୍ରା ଦେବୀ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଡେପୁଟି କମିଶନର ଆଶୀର୍ବାଦ ପରିଡା, ସହକାରୀ କମିଶନର ରୋନିତ କୁମାର, ବିକ୍ରମ ସୁଣ୍ଡି, ବିଶାଳ ଗୌରବ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ନାଗେଶ୍''ର ସୁବୁଦ୍ଧି, ନିଗମର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଚାରିଜଣ ସଦସ୍ୟା ଯଥା ସ୍ମିତା ଦାସ, ଗୀତାଞ୍ଜଳି ସାମନ୍ତରାୟ, ଭାଗ୍ୟଲକ୍ଷ୍ମୀ ବେହେରା ଓ ରଞ୍ଜନା ମିଶ୍ର ( ବେସରକାରୀ ସଙ୍ଗଠନର ପ୍ରତିନିଧି) ଏବଂ ନିଗମ କାର୍ଯ୍ୟାଳୟ ଭିତରେ କାମ କରୁଥିବା ସଫେଇ କର୍ମଚାରୀ ଅଂଶଗ୍ରହଣ କରିଥିଲେ।




# ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ଦିଗପହଣ୍ଡି,୨୦ ।୧୨(ସମିସ): ଦିଗପହଣ୍ଡି ବ୍ଲକ ବମକୋଇ ପଞ୍ଚାୟତ ଅନ୍ତର୍ଗତ ମଦନମୋହନପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିବରାମ ପ୍ରଧାନଙ୍କ ସଭାପତିତ୍ୱରେ ଏକ ସଭାକାର୍ଯ୍ୟ ଆୟୋଜନ ହୋଇଥିଲା। ଏଥିରେ ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀ ଡ. ଶଙ୍କର ନାରାୟଣ ବେଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାପୁରୁଷ ତଥା ଉତ୍କଳର ଗୌରବ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚିତ କରିଥିଲେ। ଏଥିରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରସାନନ୍ଦ ଘଡେଇ, ବ୍ରହ୍ମପୁରର ଲୋକସେବକ ମଣ୍ଡଳ ପ୍ରତିନିଧି ମୁରଲୀଧର ସ୍ୱାଇଁ, ପ୍ରଧାନ ଶିକ୍ଷକ ଅରୁଣ କୁମାର ମହାପାତ୍ର, ଅଶୋକ ଶତପଥୀ, ଦେବଦର୍ଶନୀ ପଣ୍ଡା, ଶ୍ରୀହରି ମହାନ୍ତି, ଅନାଦି ଚରଣ ପ୍ରଧାନ, ସିଆରସିସି ନବୀନ ବାଡତ୍ୟା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ଶିକ୍ଷୟତ୍ରୀ ଜ୍ୟୋତି ମହାରଣା , ଶିକ୍ଷକ ନରେନ୍ଦ୍ର ସାହୁ, ସୌମ୍ୟରଞ୍ଜନ ପ୍ରଧାନ, ଭଗବାନ ପାତ୍ର, ରାମଚନ୍ଦ୍ର ପ୍ରଧାନ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ପ୍ରଶାସନର ସୁଶାସନ ସପ୍ତାହ କାର୍ଯ୍ୟକ୍ରମ

ଛତ୍ରପୁର,୨୦ ।୧୨(ସମିସ): ଗଞ୍ଜାମ ଜିଲ୍ଲାରେ ଦାଖଲ ଖାରଜ ମାମଲା ଆର୍.ଓ.ଆର୍. ୬୫୦ ଗୋଟି ଅପଡେଟ୍ ହୋଇଥିବା ସ୍ଥଳେ ୫୨ ଗୋଟି ପ୍ରତ୍ୟାଖାନ କରାଯାଇ ସମୁଦାୟ ୭୦୨ ଗୋଟି ମାମଲା ଫୈସଲା କରାଯାଇଛି । ଓଡିଶା ଭୂ ସଂସ୍କାର ଅଧିନିୟମ ଆର୍.ଓ.ଆର୍. ୬୦ ଗୋଟି ଅପଡେଟ୍ ହୋଇଥିବା ବେଳେ ୩୬ ଗୋଟି ପ୍ରତ୍ୟାଖାନ କରାଯାଇ ସମୁଦାୟ ୯୬ଟି ମାମଲା ଫୈସଲା କରାଯାଇଛି। ଓଡିଶା ଭୂ-ସଂସ୍କାର ଅଧିନିୟମ ଧାରା ୧୯ (୧) ସି. ଆର୍.ଓ.ଆର୍. ୮ ଗୋଟି ଅପଡେଟ୍ ହୋଇଥିବା ସ୍ଥଳେ ୮ ଟି ପ୍ରତ୍ୟାଖାନ କରାଯାଇ ସମୁଦାୟ ୧୬ ଗୋଟି ମାମଲା ଫୈସଲା କରାଯାଇଛି । ୪୧ଟି ଜନଶୁଣାଣୀ ସମାଧାନ ହୋଇଛି।

# ଗଛରୁ ଅହିରାଜ ଉଦ୍ଧାର

ଦିଗପହଣ୍ଡି,୨୦ ।୧୨(ସମିସ): ଦିଗପହଣ୍ଡି ବ୍ଲକ ଚୌଧୁରୀ ଟିକରପଡ଼ା ଗ୍ରାମ ଶ୍ରୀ ଗୁପ୍ତେଶ୍ୱର ଶୈବପୀଠ ନିକଟ ଏକ ଗଛରୁ ଶନିବାର ଅପରାହ୍ନ ପ୍ରାୟ ୩ ଟାରେ ପ୍ରାୟ ୧୧ ଫୁଟ ଲମ୍ବର ଅହିରାଜ ସାପ ଉଦ୍ଧାର କରାଯାଇଛି। କିଛି ଚାଷୀ ଜମିରେ ଧାନ କାଟୁଥିବା ବେଳେ ଗଛରେ ସାପଟିକୁ ଦେଖିଥିଲେ। ଖବର ପ୍ରଚାରିତ ହେବାପରେ ସାପ ଦେଖିବାକୁ ଗ୍ରାମବାସୀଙ୍କ ପ୍ରବଳ ଭିଡ଼ ହୋଇଥିଲା। ପରେ ନିକଟସ୍ଥ ଗ୍ରାମରୁ ତାଲିମପ୍ରାପ୍ତ ସ୍ନେକ ହେଲ୍ପ ଲାଇନର ଦୁଇ ସଦସ୍ୟ ରାମଚନ୍ଦ୍ର ସାହୁ ଓ ଜଗନ୍ନାଥ ସାହୁ ସେଠାରେ ପହଞ୍ଚି ସୁରକ୍ଷିତ ଅବସ୍ଥାରେ ଅହିରାଜକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡି ଦେଇଥିବା ଜଣାପଡିଛି। ଏଭଳି ବଡ଼ ଧରଣର ଅହିରାଜ ଉଦ୍ଧାର ଘଟଣା ପ୍ରଥମ ବୋଲି ଗ୍ରାମର ସଦାନନ୍ଦ ସାହୁ କହିଛନ୍ତି।




# ଗାଡ଼ି ଧକ୍କାରେ ଦୁଇ ଗୁରୁତର

ଦିଗପହଣ୍ଡି,୨୦ ।୧୨(ସମିସ): ଦିଗପହଣ୍ଡି ଥାନା ଝାଟିପିଟିଆ ଗ୍ରାମ ହରିଜନ ସାହି ନିକଟ ମୁଖ୍ୟରାସ୍ତାରେ ଏକ ଗାଡ଼ି ଧକ୍କାରେ ଦୁଇ ଜଣ ଯୁବକ ଶନିବାର ସନ୍ଧ୍ୟାରେ ଗୁରୁତର ଆହତ ହୋଇଛନ୍ତି। କେ. ନୂଆଗାଁ ଥାନା ଅର୍ନ୍ତଗତ ଚାନ୍ଦପୁର ଗ୍ରାମରୁ ୨ ଯୁବକ ଅମର ଦାସ (୨୭) ଏବଂ ପ୍ରଶାନ୍ତ ଦାସ (୩୪) ମିଶି ଏକ ବାଇକ୍ ନଂ. (ଓଡି୦୭ଭି ୬୨୪୪) ଯୋଗେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ କୌଣସି ଏକ ଗାଡ଼ି ଧକ୍କା ଦେଇ ଚାଲି ଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ଦ୍ୱୟଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଉଭୟଙ୍କ ଅବସ୍ଥା ଗୁରୁତର ରହିଥିବା ଯୋଗୁଁ ପ୍ରାଥମିକ ଚିକିତ୍ସା ପରେ ଦୁହିଁଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଅମର ଦାସଙ୍କ ଶ୍ୱଶୁର ଘର ଚାନ୍ଦପୁର ହୋଇଥିବା ବେଳେ ନିଜ ଘର ବ୍ରହ୍ମପୁର ସଦର ଥାନା ଅର୍ନ୍ତଗତ ବାଇଗଣବାଡ଼ି ଗ୍ରାମରେ ବୋଲି ଜଣାପଡିଛି। ଏକ ଡାଲା ଅଟୋ ଧକ୍କା ଦେଇ ଦ୍ରୁତଗତିରେ ଚାଲି ନେଇ ସ୍ଥାନୀୟ ଲୋକେ ସୂଚନା ଦେଇଥିଲେ ମଧ ଅଟୋ କିମ୍ବା ଚାଳକଙ୍କ କୌଣସି ଠିକଣା ମିଳି ପାରିନାହିଁ।

# ଜଙ୍ଗଲ ନିଆଁ ହ୍ରାସ ନେଇ ବୈଠକ



ଛତ୍ରପୁର,୨୦ ।୧୨(ସମିସ): ଛତ୍ରପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜଙ୍ଗଲ ଅଗ୍ନିକାଣ୍ଡ ନିବାରଣ ଓ ହ୍ରାସ କରିବା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଭି.କିର୍ତ୍ତି ଭାସନ ଅଧକ୍ଷ୍ୟତା କରିଥିଲେ।

ଗଞ୍ଜାମ ଜିଲ୍ଲାରେ ୫ଟି ଡିଭିଜନରେ ଜଙ୍ଗଲ ରହିଛି। ବ୍ରହ୍ମପୁର ଡିଭିଜନ, ଘୁମୁସୁର ଉତ୍ତର, ଘୁମୁସୁର ଦକ୍ଷିଣ, ପାରଳାଖେମୁଣ୍ଡି ଓ ଚିଲିକା ବନ୍ୟପ୍ରାଣୀ ଅଞ୍ଚଳରେ ଜଙ୍ଗଲ ରହିଛି। ଜଙ୍ଗଲ ସୁରକ୍ଷା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। କେଉଁ କେଉଁ ସ୍ଥାନରେ ନିଆଁ ଲାଗିଛି ତାହା କେଉଁ କାରଣ ପାଇଁ ଲାଗୁଛି ବୈଠକରେ ଆଲୋଚନା ହୋଇଥିଲା। ପୋଡୁ ଚାଷ, ପିକିନିକ, କେନ୍ଦୁପତ୍ର ସଂଗ୍ରହ, ମହୁଲ ଫୁଲ, ଅଙ୍ଗାର ସଂଗ୍ରହ ଆଦି ବିଭିନ୍ନ କାରଣରୁ ଜଙ୍ଗଲରେ ନିଆଁ ଲାଗୁଛି। ଜଙ୍ଗଲରେ ନିଆଁ ଲାଗିବା ମଣିଷକୃତ ଅଟେ, ଏହା ଉପରେ ଅଧିକରୁ ଅଧିକ ସଚେତନତା କରିବା ଜରୁରୀ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ( ରାଜସ୍ୱ) ଦେବଦତ୍ତ ପଣ୍ଡା, ବ୍ରହ୍ମପୁର ଡିଏଫଓ ସୋନି ଖୋଖରଙ୍କ ସମେତ ସମସ୍ତ ବନ ବିଭାଗର ଅଧିକାରୀ ମାନେ ପ୍ରମୁଖ ଉପସ୍ଥିତ ଥିଲେ।

# ଆଗ୍ରୋ ସର୍ଭିସ୍ ସେଣ୍ଟର ଓ ଜନସେବା କେନ୍ଦ୍ର ଉଦ୍‌ଘାଟିତ




ଜି.ଉଦୟଗିରି ,୨୦।୧୨(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଆଦର୍ଶ ଲ୍ୟାମ୍ପ ସମବାୟ ସମିତି ଦ୍ୱାରା ଅଗ୍ରୋ ସର୍ଭିସ ସେଣ୍ଟର ଓ ଜନସେବା କେନ୍ଦ୍ର ଉଦଘାଟିତ ହୋଇଯାଇଛି।

ସମିତି ସଭାପତି ଜମେଶ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମବାୟ ବିଭାଗ ଆଡିସିନାଲ ସେକ୍ରେଟାରୀ ତଥା ଓଡିଶା ରାଜ୍ୟ କୃଷି ବିପଣନ ବୋଡ଼ ସଦସ୍ୟା ଧରିତ୍ରୀ ମିଶ୍ର, ସହକାରୀ ନିବନ୍ଧକ ଲଳିତ ମାଝୀ ଫୁଲବାଣୀ ସର୍କଲ, ସହକାରୀ ନିବନ୍ଧକ ସୁକାନ୍ତ କୁମାର ପାଢ଼ୀ ବାଲିଗୁଡା, ନରେଶ ପ୍ରଧାନ, ଅତିରିକ୍ତ ସହକାରୀ ନିବନ୍ଧକ ବାଲିଗୁଡା, ଏରିଆ ଅଫିସର ରଶ୍ମିତା ପରିଡ଼ା, ସୁମନ୍ତ କୁମାର ବେହେରା ରିତିକା ଅଗ୍ରୱାଲ, ଶାଖା ପରିଚାଳକ ସମବାୟ କେନ୍ଦ୍ର ବ୍ୟାଙ୍କ ଜି . ଉଦୟଗିରି ଶାଖା, ଭୀମସେନ ସାହୁ, ପରିଚାଳନା ନିର୍ଦ୍ଦଶକ ଫୁଲବାଣୀ ଲ୍ୟାମ୍ପ, ସୁଶାନ୍ତ କୁମାର ବେହେରା, ପରିଚାଳନା ନିର୍ଦ୍ଦେଶକ ଶଙ୍କରାଖୋଲ ଲ୍ୟାମ୍ପ ଯୋଗ ଦେଇଥିଲେ। ସମିତିର ପରିଚାଳନା ନିର୍ଦ୍ଦେଶକ ଶିଶିର କାନ୍ତ ତ୍ରିପାଠୀ ଏହାକୁ ପରିଚାଳନା କରିଥିବା ବେଳେ, ହିସାବ ରକ୍ଷକ ପିତାମ୍ବର ସାହୁ, ରୀଙ୍କୁ କୁମାର ପ୍ରଧାନ, ଧର୍ମରାଜ ପ୍ରଧାନ ଓ ଅକ୍ଷୟ କୁମାର ପାଳ ସହଯୋଗ କରିଥିଲେ।

# ‘ଜିଲ୍ଲାର ବିକାଶ ପାଇଁ ସମସ୍ତେ ସ୍ୱର ଉତ୍ତୋଳନ କରିବା ଆବଶ୍ୟକ’

ଛତ୍ରପୁର,୨୦ ।୧୨(ସମିସ)




ଗଞ୍ଜାମ ଜିଲ୍ଲା ଓଡ଼ିଶାର ସବଠୁ ବଡ଼ ଜିଲ୍ଲା। ଜିଲ୍ଲାର ବିକାଶ ଏବଂ ସମସ୍ତ ସମସ୍ୟାର ସମାଧାନ ନିମନ୍ତେ ସ୍ୱର ଉତ୍ତୋଳନ କରିବା ସହିତ ଜନ ଆନ୍ଦୋଳନ କରିବାର ଆବଶ୍ୟକତା ରହିଛି। ଏନେଇ ବୁଦ୍ଧିଜୀବୀ, ଆଇନଜୀବୀ, ସମାଜସେବୀ, ବିଭିନ୍ନ ଦଳର ରାଜନେତା ମାନଙ୍କ ଠାରୁ ଆରମ୍ଭ କରି ସମସ୍ତେ ଏକ ହୋଇ ଏହି ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ନେତା ତଥା ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ। ଜିଲ୍ଲାରେ କମ୍ପାନୀଗୁଡିକ ରହିଛି, ମାତ୍ର ଅଞ୍ଚଳର ଲୋକଙ୍କୁ ନିଯୁକ୍ତି ମିଳୁନି, ଫଳରେ ହଜାର ହଜାର ବେକାର ଯୁବକ ଯୁବତୀ ଦାଦନ ଖଟିବାକୁ ଯାଉଛନ୍ତି ଏବଂ ଶବ ହୋଇ ଫେରୁଛନ୍ତି। ଏହା ଉପରେ ସରକାର ଚିନ୍ତା କରିବା ଦରକାର। କମ୍ୟୁନିଷ୍ଟ ପାର୍ଟି ସବୁବେଳେ ଲୋକଙ୍କ ଦାବିକୁ ନେଇ ଆନ୍ଦୋଳନ କରୁଛି ବିଭିନ୍ନ ସ୍ତରରେ ସମସ୍ତ ବର୍ଗର ଲୋକଙ୍କ ସମସ୍ୟା ସମ୍ପର୍କରେ ଉପସ୍ଥାପନା କରୁଛି କ୍ଷ ଆଗାମୀ ଦିନରେ ମଧ କରିବ ବୋଲି ପୂର୍ବତନ ବିଧାୟକ ଶ୍ରୀ ରେଡ୍ଡୀ ଛତ୍ରପୁର ଲକ୍ଷ୍ମଣ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ହୁମ୍ମା ଲୁଣ ଆବରା (୧୭୦୦ ଏକର ଜମି) ଅକାମି ହୋଇ ପଡିଛି। ଚାଷୀଙ୍କ ଦୁଃଖ ବୁଝୁ ନାହାନ୍ତି, ସାହେବ କେନାଲ ମରାମତି ସହିତ ପ୍ରସ୍ତାବ ରହିଥିବା ପାଲୁର ବନ୍ଦର କେବେ ପ୍ରତିଷ୍ଠା ହେବ ବୋଲି ମଧ ସେ ପ୍ରଶ୍ନ କରିଛନ୍ତି। ଜିଲ୍ଲାରେ ହେବାକୁ ଯାଉଥିବା ୭ଟି କେମିକାଲ ପ୍ଲାଣ୍ଟ ବଦଳରେ ସୋଲାର ଏନାର୍ଜି ତଥା ଗ୍ରୀନ ଏନର୍ଜି କରାଯାଉ। ଏହା ସହିତ କୃଷି ଭିତ୍ତିକ ପ୍ଲାଣ୍ଟ କରିବାର ଆବଶ୍ୟକ ରହିଛି। ଆଇ ଆରଇଏଲ କମ୍ପାନିରେ ଶ୍ରମିକ ସଂଖ୍ୟା ସଂଖ୍ୟା କମି ଆସୁଛି। ନିଯୁକ୍ତି ମିଳୁନି, ସରକାର ଗୋପାଳପୁର ପୋର୍ଟ କଲେ ନାହିଁ ଆଦାନୀ ଶିଳ୍ପ ହାତରେ ଟେକି ଦେଲେ, ଟାଟା ଜମି ନେଇ ଲୋକଙ୍କୁ ଧୋକା ଦେଲା, ରେଳ ବିକାଶ ହେଲା ନାହିଁ, ଆନ୍ଦୋଳନ ହେଲା, ନେତାଙ୍କ ଉପରେ କେସ ହେଲା, ଶୀତଳାପଲ୍ଲୀ ଠାରେ ରେଳଡ଼ବା କାରଖାନା ହେଲା ନାହିଁ କି ସାଇକେଲ କାରଖାନା ପାଇଁ ହୋଇଥିବା ଚୁକ୍ତି ଶୀତଳଭଣ୍ଡାରରେ ରହିଗଲା ବୋଲି ମଧ ପୂର୍ବତନ ବିଧାୟକ ଅଭିଯୋଗ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଛତ୍ରପୁର ଜୋନାଲ ସମ୍ପାଦକ ଡି. ଆଦିନାରାୟଣ ରେଡ୍ଡୀ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ପରିଷଦ ସଭ୍ୟା ଏନ. ଭାନୁମତୀ ରେଡ୍ଡୀ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା ସହ - ସମ୍ପାଦକ ନୀଳକଣ୍ଠ ଦାଶ, ଜିଲ୍ଲା ନେତା ସିଏଚ. ଜନାର୍ଦ୍ଦନ ରେଡ୍ଡୀ ଓ ଚମାଖଣ୍ଡି ଜୋନାଲ ସମ୍ପାଦକ ଏନ. ଗିରିଜା ପ୍ରସାଦ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

